Institute for Social Development

# ମାଧ୍ୟମ

ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

2nd Year | Vol.III | September 2014 - June 2016



Y. B. Khurania, IPS
Commissioner of Police
Bhubaneswar - Cuttack

Tel. Off : 0674-2530035
Fax : 0674-2530001
E-mail : commissioneratepolice@nic.in

## MESSAGE

It gives me immense pleasure to note that "Maadhyam", a joint venture of Police Commissionerate, Bhubaneswar-Cuttack and Institute for Social Development (ISD) has been successfully functioning in both the UPDs of Bhubaneswar and Cuttack, since 3rd September, 2014.

"Maadhyam" has been functioning as a counselling centre for women victims of violence and has earned the trust of the people especially the women in distress. Counselling Sessions by experienced staff have resulted in reconciliation and amicable settlement of large number of disputes involving women. This has brought solace to many women who were victims of violence.

"Maadhyam" while providing alternative dispute redressal mechanism to the women victim of violence has also helped in reducing the work load of criminal justice system.

I am sure, "Maadhyam" will continue to provide such selfless service to the women victims of violence in future as well.

I congratulate all those associated with "Maadhyam" in this novel venture.

Yogesh Bahadur

(Yogesh Bahadur Khurania)
Commissioner of Police
Bhubaneswar-Cuttack

## ସଂପାଦକୀୟ...



"ମାଧ୍ୟମ" – ମହିଳା ସହଯୋଗ କେନ୍ଦ୍ର, ଦୁଇଟି ଭାଙ୍ଗି ଯାଉଥିବା ପରିବାର ଓ ସେହି ପରିବାର ବ୍ୟକ୍ତି ବିଶେଷଙ୍କୁ ଏକାଠି ବାନ୍ଧି ରଖିବାର ପ୍ରୟାସ ଜାରି ରଖିଛି । ଦୈତ୍ୟନଗରୀ ଭୁବନେଶ୍ୱର ଓ କଟକରେ ବୃଦ୍ଧିପାଉଥିବା ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ଓ ତଦ୍ୱାରା ଭାଙ୍ଗି ଯାଉଥିବା ପରିବାରକୁ ପରାମର୍ଶ ମାଧ୍ୟମରେ ଯୋଡିବା ଉଦ୍ଦେଶ୍ୟରେ ମାଧ୍ୟମର ସୃଷ୍ଟି ହୋଇଥିଲା । ତାହା ସଫଳତାର ସହ ଆଜକୁ ଏକ ବର୍ଷ ୧୦ ମାସ ପୂର୍ଣ୍ଣ କରିବାକୁ ଯାଉଛି । ଏହା କେବଳ ସମ୍ଭବ ହୋଇଛି ଆପଣମାନଙ୍କ ଭରସା, ସହଯୋଗ ଓ ବିଶ୍ୱାସ ପାଇଁ । ଏହି ଏକ ବର୍ଷ ୧୦ ମାସ ମଧ୍ୟରେ ଉଭୟ କଟକ ଓ ଭୁବନେଶ୍ୱର କେନ୍ଦ୍ରରେ ମୋଟ ୭୨୯ ଅଭିଯୋଗ ଗ୍ରହଣ କରାଯାଇ ୪୧୪ଟି ଅଭିଯୋଗର ସମାଧାନ ହୋଇପାରିଛି । ଏସବୁ ସଫଳତା ପାଇଁ ଅନେକ ବ୍ୟକ୍ତିବିଶେଷ, ସାମାଜିକ ଅନୁଷ୍ଠାନ, ଗଣମାଧ୍ୟମ ଓ ସର୍ବୋପରି ପୋଲିସ ପ୍ରଶାସନଙ୍କୁ ମୁଁ ଧନ୍ୟବାଦ ଦେବି, ଯେଉଁମାନେ କି ଆମକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଆସିଛନ୍ତି ।

"ମାଧ୍ୟମ" ଯେ କେବଳ ପରାମର୍ଶ ଦେଇ ଉଭୟଙ୍କୁ ଏକାଠି କରିଥାଏ ତା ନୁହେଁ, ବରଂ ଏହା ନିର୍ଯ୍ୟାତନାରେ ପିଡୀତା ମହିଳାଟିକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିଥାଏ । ଆବଶ୍ୟକତା ଅନୁଯାୟୀ ମହିଳାଟିକୁ ଆଇନଗତ ଓ ଡାକ୍ତରୀ ସହାୟତା ଯୋଗାଇ ଦେଇଥାଏ । କୌଣସି କ୍ଷେତ୍ରରେ ଯଦି ନିର୍ଯ୍ୟାତିତା ମହିଳାଟି ନିଜ ପରିବାରରେ ଅସୁରକ୍ଷିତ ମନେକରୁଛି, ସେ କ୍ଷେତ୍ରରେ ମହିଳାଟିକୁ ଯେକୌଣସି ସ୍ୱଳ୍ପରହଣୀ ବା ସ୍ୱଧାର ଗୃହରେ ରଖାଇ ଦିଆଯାଇଥାଏ । କୌଣସି ଅଭିଯୋଗ ସମାଧାନ ନ ହୋଇ ପାରିଲେ, ତାକୁ ସେଇଠି ବନ୍ଦ କରିଦିଆନଯାଇ, ସେହି ଅଭିଯୋଗଟି ସୁରକ୍ଷା ଅଧିକାରୀଙ୍କ ଜରିଆରେ ପାରିବାରିକ ହିଂସା ସୁରକ୍ଷା ଆଇନ୍ – ୨୦୦୫ ମାଧ୍ୟମରେ ନିଜର ଅଭିଯୋଗ ଦାଖଲ କରିବାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥାଏ ।

"ମାଧ୍ୟମ"ର କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଜନତା ଜାଣିବା ପାଇଁ ଆଇ.ଏସ୍.ଡି. ତରଫରୁ ଭୁବନେଶ୍ୱର ଓ କଟକର ବସ୍ତି ଅଞ୍ଚଳରେ ସ୍ଥାନୀୟ ପୋଲିସର ସହାୟତାରେ ଜନସାଧାରଣ ଏବଂ ପୋଲିସ ମଧ୍ୟରେ ଏକ ପ୍ରଶ୍ନୋତ୍ତର ଭିତ୍ତିକ 'ଜନମଞ୍ଚ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ମହିଳା ମାଧ୍ୟମ ବିଷୟରେ ଅବଗତ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଜନସାଧାରଣ ପୋଲିସର ଆସ୍ଥାଭାଜନ ହୋଇପାରନ୍ତି ଓ ନିର୍ଦ୍ୱନ୍ଦରେ ନିଜର ସମସ୍ୟା ପୋଲିସ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚରକୁ ଆଣିଥାନ୍ତି । ଏହିଭଳି ଛୋଟ ଛୋଟ ପ୍ରୟାସରେ ସ୍ଥାନୀୟ ପୋଲିସ୍ କର୍ତ୍ତୃପକ୍ଷ ଆମକୁ ସାହାଯ୍ୟ କରିଥିବାରୁ ମୁଁ ଆଇ.ଏସ୍.ଡି ତରଫରୁ ସେମାନଙ୍କୁ ଧନ୍ୟବାଦଦେଉଛି ଓ ଆଶା କରୁଛି ଆଗାମୀ ଦିନମାନଙ୍କରେ ଆମକୁ ଏଭଳି ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବେ ।

"ମାଧ୍ୟମ"ର ସଫଳତାକୁ ଦେଖି କମିଶନରେଟ୍ ପୋଲିସ୍ ଏହାର ଚୁକ୍ତିକୁ ଆଉ ଦୁଇବର୍ଷ ପାଇଁ ବଢାଇଛନ୍ତି । କମିଶନରେଟ୍ ପୋଲିସର ଆମ ଉପରେ ଥିବା ଆଶା ଓ ବିଶ୍ୱାସ ପାଇଁ ବର୍ତ୍ତମାନ କମିଶନର ଶ୍ରୀଯୁକ୍ତ ୱାଇ. ବି. ଖୁରାନିଆ ଓ ପୂର୍ବତନ କମିଶନର ଡକ୍ଟର ଆର.ପି. ଶର୍ମା ମହୋଦୟଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ଯାହାଙ୍କ ବିନା ସହଯୋଗରେ ସଫଳତା ପାଇବା ଆମ ପକ୍ଷେ କଷ୍ଟକର । ମହିଳା ସହଯୋଗ କେନ୍ଦ୍ରର ଅପ୍‌ଡେଟ୍ ମାଧ୍ୟମରେ ଶ୍ରୀଯୁକ୍ତ ସତ୍ୟବ୍ରତ ଭୋଇ, ଡି.ସି.ପି. ଭୁବନେଶ୍ୱର, ଶ୍ରୀଯୁକ୍ତ ସଞ୍ଜୀବ ଆରୋରା, ଡି.ସି.ପି. କଟକ ଓ କମିଶନରେଟ୍ ପୋଲିସ ଅଧିନରେ ଥିବା ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନଙ୍କୁ ମୁଁ କୃତଜ୍ଞତା ଜଣାଇଉଛି । ଯେଉଁମାନେକି ମାଧ୍ୟମର କାର୍ଯ୍ୟକ୍ରମକୁ ଆଗକୁ ନେବାରେ ସମସ୍ତ ସାହାଯ୍ୟ ଯୋଗାଇ ଦେଇ ଆସିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ଅକ୍ସଫାମ୍ ଇଣ୍ଡିଆ ଆର୍ଥୀକ ସହାୟତା ଯୋଗାଇ ଦେଇଥିବାରୁ ମୁଁ ଅକ୍ସଫାମର ସମସ୍ତ

**ଶୁଭଶ୍ରୀ ଦାସ**

**ନିର୍ଦ୍ଦେଶିକା, ଆଇ.ଏସ୍.ଡ଼ି**

# ମାଧ୍ୟମରେ-ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

## (ସେପ୍ଟେମ୍ବର ୨୦୧୪ ରୁ ଜୁନ୍ ୨୦୧୬ ପର୍ଯ୍ୟନ୍ତ)

ଭୁବନେଶ୍ୱର ଡି.ସି.ପି କାର୍ଯ୍ୟାଳୟ ଓ କଟକ ମହିଳା ଥାନା ପରିସରରେ କାର୍ଯ୍ୟ କରୁଥିବା ମାଧ୍ୟମ ମହିଳା ସହଯୋଗ କେନ୍ଦ୍ର ବିଗତ ଦିନ ମଧ୍ୟରେ ଅନେକ ନିର୍ଯ୍ୟାତିତ ମହିଳାମାନଙ୍କର ଆତ୍ମବଳ ବଢାଇବାରେ ସହାୟକ ହୋଇଛି । ଠିକ ସମୟରେ ମହିଳାଟି ପାଖରେ ପହଁଞ୍ଚିବା ତାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଓ ତାକୁ ନିଜ ଗୋଡରେ ନିଜକୁ ଠିଆ କରାଇବାରେ ଦୁଇଟି ଯାକ କେନ୍ଦ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଯେ,କେନ୍ଦ୍ରକୁ ଆସୁଥିବା ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗ ମଧ୍ୟରୁ ପାରିବାରିକ ହିଂସାର ସଂଖ୍ୟା ଅଧିକ । ଏକ୍ଷେତ୍ରରେ ପରାମର୍ଶଦାତ୍ରୀ ମାନଙ୍କ ତରଫରୁ ଅନେକ ପରାମର୍ଶ ଓ ସହଯୋଗ ଦିଆଯାଇଛି । ଯଦ୍ୱାରା ଅନେକ ମହିଳା ଉପକୃତ ହୋଇପାରିଛନ୍ତି । ନିମ୍ନରେ ସେପ୍ଟେମ୍ବର ୨୦୧୪ ରୁ ଜୁନ୍ ୨୦୧୬ ପର୍ଯ୍ୟନ୍ତ ମାଧ୍ୟମ ତରଫରୁ ଗ୍ରହଣ କରାଯାଇ ବିଭିନ୍ନ ଅଭିଯୋଗର ପରିସଂଖ୍ୟାନ ଦିଆଗଲା ।

### ୧. ପଞ୍ଜିକୃତ ହୋଇଥିବା ମୋଟ ଅଭିଯୋଗ ସଂଖ୍ୟା

| ଭୁବନେଶ୍ୱର | କଟକ | ମୋଟ |
|---|---|---|
| ୩୪୯ | ୪୧୪ | ୭୬୩ |


### ୨. ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା

| ଭୁବନେଶ୍ୱର | କଟକ | ମୋଟ |
|---|---|---|
| ୧୭୧ | ୨୬୨ | ୪୩୩ |

ମୋଟ ପଞ୍ଜିକୃତ ହୋଇଥିବା ସଂଖ୍ୟାକୁ ଛାଡି ଦେଲେ କେବଳ ୩୨୩ ଜଣ ମହିଳା ଏହି କେନ୍ଦ୍ର ପରିଦର୍ଶନ କରି, ପରାମର୍ଶଦାତ୍ରୀଙ୍କ ସଙ୍ଗେ ମିଳି କେନ୍ଦ୍ର ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । କେବଳ ଯେ ପାରିବାରିକ ହିଂସାର ଅଭିଯୋଗ ଆସିଥାଏ ତା ନୁହେଁ ଅନ୍ୟାନ୍ୟ ପ୍ରକାର ହିଂସାରେ ପିଡୀତା ମହିଳାମାନେ ମଧ୍ୟ ନିଜର ଅଭିଯୋଗ ଦାଖଲ କରିଛନ୍ତି । ନିମ୍ନରେ ହିଂସାର ପ୍ରକାର ଆକାରରେ ଗ୍ରହଣ କରାଯାଇଥିବା ଅଭିଯୋଗ ଗୁଡିକର ସଂଖ୍ୟା ହେଲା–

### ୩.


| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୬୭୭ |
| କର୍ମସ୍ଥଳରେ ଯୌନ ନିର୍ଯ୍ୟାତନା | ୦୧ |
| ବିବାହର ମିଥ୍ୟା ପ୍ରତିଶୃତି ଦେଇ ବିବାହ ନ କରିବା | ୧୮ |
| ଯୌନ ନିର୍ଯ୍ୟାତନା (Eve-teasing/ Sexual Assault/Molestation) | ୦୩ |
| ଆଡଲଟରୀ ବା ବ୍ୟଭିଚାର | ୩୯ |
| ଷ୍ଟକିଙ୍ଗ | ୦୫ |
| ଅନ୍ୟାନ୍ୟ | ୨୧ |




ମୋଟ ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ କେଉଁ ବର୍ଗରୁ କେତେ ଜଣ ମହିଳା ପଞ୍ଜିକୃତ କରିଛନ୍ତି, ସେମାନଙ୍କ ବୟସ ଓ ଶିକ୍ଷ୍ୟାଗତ ଯୋଗ୍ୟତା କଣ ସେ ସବୁକୁ ମଧ୍ୟ ଲିପିବଦ୍ଧ କରାଯାଇଛି । ଏହାର ପରିସଂଖ୍ୟାନ ନିମ୍ନରେ ଦିଆଗଲା.

### ୪. କେଉଁ ବର୍ଗରୁ କେତେଜଣ ମହିଳା ଅଭିଯୋଗ ପଞ୍ଜିକରଣ କରିଛନ୍ତି ।

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୩୪୯ |
| ଓ.ବି.ସି. | ୧୨୪ |
| ଅନୁସୁଚିତ ଜାତି | ୧୮୯ |
| ଅନୁସୁଚିତ ଜନଜାତି | ୦୬ |
| ଖ୍ରୀଷ୍ଟିୟାନ | ୧୧ |
| ମୁସ୍‌ଲିମ | ୮୪ |



## ୫. ଅଭିଯୋଗ ଆଣିଥିବା ମହିଳାଙ୍କ ବୟସ

| ବୟସ | ସଂଖ୍ୟା |
|---|---|
| ୧୮ ବର୍ଷରୁ କମ | ୦୮ |
| ୧୮ରୁ ୨୫ ବର୍ଷ | ୪୩୩ |
| ୨୬ ରୁ ୪୦ ବର୍ଷ | ୧୯୫ |
| ୪୧ରୁ ୫୫ ବର୍ଷ | ୧୦୨ |
| ୫୫ ବର୍ଷରୁ ଅଧିକ | ୨୫ |

## ୬. ଶିକ୍ଷ୍ୟାଗତ ଯୋଗ୍ୟତା

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢିନାହାନ୍ତି | ୩୭ |
| ପ୍ରାଥମିକ | ୧୩୮ |
| ମାଧ୍ୟମିକ | ୨୬୬ |
| ଇଣ୍ଟରମିଡିଏଟ୍ | ୭୨ |

| ଯୋଗ୍ୟତା | ସଂଖ୍ୟା |
|---|---|
| ସ୍ନାତକ | ୧୦୩ |
| ସ୍ନାତକୋତ୍ତର | ୩୫ |
| ବୃତ୍ତିଗତ ପେଷା | ୭୫ |
| ଅନ୍ୟାନ୍ୟ | ୩୬ |

ଉପରଲିଖିତ ପରିସଂଖ୍ୟାନରୁ ଜଣାଯାଏ ଯେ, ସବୁ ସ୍ତରର ମହିଳା ଯଥା- ଉଚ୍ଚଶିକ୍ଷିତା, ଶିକ୍ଷିତା, ସାଧାରଣ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର ମହିଳାମାନେ ସେମାନଙ୍କର ଅଭିଯୋଗର ସମାଧାନ କିଭଳି 'ପରାମର୍ଶ' ମାଧ୍ୟମରେ ହୋଇପାରିବ ତାଙ୍କର ଅଭିଯୋଗ ପଞ୍ଜିକୃତ କରିଛନ୍ତି । ଏହି ସବୁ ମହିଳାମାନଙ୍କ ମଧ୍ୟରୁ କିଏ ପୋଲିସ ଥାନା ମାଧ୍ୟମରେ ଆସିଛନ୍ତି ତ କିଏ ସମ୍ବାଦପତ୍ର, ବନ୍ଧୁ/ପଡୋଶୀ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାରେ ଆସି  ନିଜର ଅଭିଯୋଗ ପଞ୍ଜିକୃତ କରିଛନ୍ତି । ଅନେକ ମହିଳା ଏକୁଟିଆ ମଧ୍ୟ ଆସିଛନ୍ତି । ବିଭିନ୍ନ ମାଧ୍ୟମରେ ଆସିଥିବା ମହିଳାମାନଙ୍କ ସଂଖ୍ୟା ନିମ୍ନରେ ଦିଆଗଲା ।

## ୭. ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା ଅଭିଯୋଗ ସଂଖ୍ୟା

| ଥାନାର ନାମ | ସଂଖ୍ୟା |
|---|---|
| ଭୁବନେଶ୍ୱର | |
| ମହିଳା ଥାନା | ୧୫୬ |
| ଖଣ୍ଡଗିରି | ୦୭ |
| ଚନ୍ଦକା | ୦୨ |
| ଖାରବେଳ ନଗର | ୦୩ |
| ନନ୍ଦନକାନନ | ୦୨ |
| ଶହିଦନଗର | ୦୭ |
| ଏୟାରଫିଲଡ | ୦୧ |
| ଲକ୍ଷ୍ମୀସାଗର | ୧୦ |
| ଜଟଣୀ | ୦୩ |


| ଥାନାର ନାମ | ସଂଖ୍ୟା |
|---|---|
| ଭୁବନେଶ୍ୱର | |
| ବାଲିଅନ୍ତା | ୦୪ |
| ଇନଫୋସିଟି | ୦୨ |
| ଡିସିପି ଅଭିଯୋଗ ପ୍ରକୋଷ୍ଠ | ୨୪ |
| ନୟାପଲ୍ଲୀ | ୦୧ |
| ଲିଙ୍ଗରାଜ | ୦୨ |
| ବରଗଡ | ୦୧ |
| ସି.ପି ଅଭିଯୋଗ ପ୍ରକୋଷ୍ଠ | ୦୫ |
| ଚନ୍ଦ୍ରଶେଖରପୁର | ୦୧ |
| ମଞ୍ଚେଶ୍ୱର | ୦୨ |

| ଥାନାର ନାମ | ସଂଖ୍ୟା |
|---|---|
| କଟକ | |
| ମହିଳାଥାନା | ୩୫୬ |
| କନ୍ଦରପୁର | ୦୨ |
| ସଦର ପୋଲିସ | ୦୪ |
| ପୁରୀ ଘାଟ | ୦୨ |
| ଲାଲବାଗ | ୦୧ |
| ମାଲଗୋଦାମ | ୦୨ |
| ବାରଙ୍ଗ | ୦୧ |
| ଚୌଦ୍ୱାର | ୦୧ |
| ଚାଉଳିଆଗଞ୍ଜ | ୦୧ |
| ବିଡାନାସୀ | ୦୧ |
| ଡିସିପି ଅଭିଯୋଗ ପ୍ରକୋଷ୍ଠ | ୦୪ |

ମାଧ୍ୟମ କେବଳ ଯେ ପରାମର୍ଶ ଦେଇ ଅଭିଯୋଗ ସମାଧାନ କରିଥାଏ ତା ନୁହେଁ, ବଂର ମହିଳାଟିର ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ସେ କିଭଳି ନିଜେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଗୁରୁତ୍ୱ ଦେଇଥାଏ । ବିଗତ ଦିନମାନଙ୍କରେ "ମାଧ୍ୟମ" ପରାମର୍ଶ ଦେଇ ଅଭିଯୋଗ ସମାଧାନ କରିବା ସଙ୍ଗେ ସଙ୍ଗେ ନିମ୍ନମତେ ଅଭିଯୋଗକାରିଣୀ ମହିଳାମାନଙ୍କୁ ଅନ୍ୟାନ୍ୟ ଉପଲବଧ୍ ସରକାରୀ ଓ ବେସରକାରୀ ଯୋଜନା ମାଧ୍ୟମରେ ଅର୍ନ୍ତଭୁକ୍ତ କରିପାରିଛି ।

୮.

| ଯୋଜନାର ନାମ | ସଂଖ୍ୟା |
|---|---|
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୧୮ |
| ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଜରିଆରେ ମାଗଣାରେ ଆଇନ ସେବା ଯୋଗାଇ ଦିଆଯାଇଥିବା ମହିଳା ସଂଖ୍ୟା | ୪୮ |
| ସୁରକ୍ଷା ଅଧିକାରୀଙ୍କ ସହାୟତାରେ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ରେ ପଞ୍ଜିକୃତ ହୋଇଥିବା ଅଭିଯୋଗ | ୧୬ |
| ଡାକ୍ତରୀ ସୁବିଧା | ୧୦ |




ପରିସଂଖ୍ୟାନ ଯାହାହେଉନା କାହିଁକି, ମାଧ୍ୟମ ଉଭୟ ପରିବାରକୁ ଯୋଡିବାରେ ବିଶ୍ୱାସ କରେ ଭାଙ୍ଗିବାରେ ନୁହେଁ । ଯେତେଥର ହେଉନା କାହିଁକି କୌଣସି ଅଭିଯୋଗ କୌଣସି ପ୍ରକାରେ ବନ୍ଦ କରିଦିଆଯାଏନି । ପ୍ରତିଟି ଅଭିଯୋଗକୁ  ଗୁରୁତ୍ୱର ସହ ଗ୍ରହଣ କରାଯାଇଥାଏ ।

## Visitors of this Year to Maadhyam




Ms. Bandana Pattnaik, International Co-ordinator Global Alliance against Traffic in women with team from Jharkhand & Chattishgarh




Ms. Anu Singh, Programme Officer (Gender) Oxfam India, Chattishgarh with NGO partners



Discussion with Addl. DCP, Bhubaneswar during visit of Ms. Ranu Bhogal, Director Policy & Advocacy of Oxfam India.




Oxfam India, New Delhi Office Team Visit



Discussion with Sri Satyabrata Bhoi, IPS, DCP, Bhubaneswar UPD



Meeting with members of Jumav Manch, Jharkhand

## Renewal of Madhyaam

The Commissioner of Police after completion of the 1st year of the Maadhyam Women Support Centre has extended its support for another 2 years starting from 3rd September 2015- 2017. The TOR for the same has already been signed by Dr. Rajendra Prasad Sharma, IPS, former Commissioner of Police Bhubaneswar-Cuttack.





Renewal of Maadhyam





Release of Maadhyam update & Documentary Film

### ମାଧମର କର୍ମକର୍ତ୍ତା

**ପରାମର୍ଶ ଦାତ୍ରୀ :**
ଶ୍ରୀମତୀ ମୀନା ଭକତ, ଭୁବନେଶ୍ୱର
ଶ୍ରୀମତୀ ସ୍ୱପ୍ନା ତ୍ରିପାଠୀ, ଭୁବନେଶ୍ୱର

ଶ୍ରୀମତୀ ସୌମ୍ୟା ସୁରଚିତା ସାହୁ, କଟକ
କୁମାରୀ ରୁପଶ୍ରୀ ଦୋରା, କଟକ

**ପୋଲିସ ବିଭାଗରୁ :**
ଶ୍ରୀମତୀ ସସ୍ମିତା ଦାସ, ଭୁବନେଶ୍ୱର
ଶ୍ରୀମତୀ ସୁଜାତା ନାଏକ, କଟକ

## ମହିଳା ସହଯୋଗ କେନ୍ଦ୍ରକୁ ଆସୁଥିବା ଅଭିଯୋଗର ସମାଧାନ ପ୍ରଣାଳୀ

- ପ୍ରଥମେ ପୀଡିତା ବା ଅଭିଯୋଗକାରିଣୀ ଠାରୁ ତାଙ୍କ ସମସ୍ୟା ବିଷୟରେ ବୁଝି ଏକ ଲିଖିତ ଅଭିଯୋଗ ପତ୍ର ରଖାଯାଏ ।
- ଅଭିଯୋଗକାରିଣୀର ବ୍ୟକ୍ତିଗତ ପରିଚୟ ଓ ସମାସ୍ୟା ସହିତ ଜଡୀତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ସଂକ୍ଷିପ୍ତ ବିବରଣୀ ରେଜିଷ୍ଟରରେ ପୁରଣ କରାଯାଏ ।
- ସମସ୍ୟାର ସ୍ଥିତିକୁ ଗୁରୁତ୍ୱ ଅନୁଯାୟୀ ପ୍ରଥମେ ଅପରପକ୍ଷକୁ ଟେଲିଫୋନ ଯୋଗେ ଯୋଗାଯୋଗ କରି କେନ୍ଦ୍ରକୁ ଆସିବାପାଇଁ ଅନୁରୋଧ କରାଯାଏ ।
- ପ୍ରଥମ ଶୁଣାଣି : ଉଭୟ ପକ୍ଷଙ୍କ ସଙ୍ଗେ ବ୍ୟକ୍ତିଗତ ଭାବେ ଆଲୋଚନା କରାଯାଇଥାଏ ।
- ଦ୍ୱିତୀୟ ଶୁଣାଣି : ଉଭୟକୁ ବସାଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ବାଟ ପ୍ରସ୍ତୁତ କରାଯାଇଥାଏ ।
- ତୃତୀୟରେ ଦରକାର ପଡିଲେ ଉଭୟପରିବାରଙ୍କ ସହିତ ମଧ୍ୟ ଆଲୋଚନା ହୋଇଥାଏ ।
- ଏହି ପରାମର୍ଶ ପର୍ଯ୍ୟାୟକ୍ରମେ କରାଯାଇଥାଏ । ଆବଶ୍ୟକ ସ୍ଥଳେ ସଠିକ ତଥ୍ୟ ସଂଗ୍ରହ ପାଇଁ ଆବେଦନକାରିଣୀ ତଥା ପ୍ରତିପକ୍ଷଙ୍କ ଗୃହ ପରିଦର୍ଶନ "ମାଧ୍ୟମ"ରେ କାର୍ଯ୍ୟରତ ପରାମର୍ଶଦାତ୍ରୀ ମାନଙ୍କ ଦ୍ୱାରା ହୋଇଥାଏ ।
- ଯଦି ଜଣେ ପ୍ରତିପକ୍ଷ ଟେଲିଫୋନ ଯୋଗାଯୋଗ ପରେ ବି ବୁଝାମଣା ପାଇଁ ଆସୁନାହିଁ, ତେବେ ସେ କ୍ଷେତ୍ରରେ ତାଙ୍କପାଖକୁ ଏକ ରେଜେଷ୍ଟ୍ରି ଚିଠି (ନୋଟିସ) ପଠାଯାଇଥାଏ ।
- ଯଦି ଜଣେ ପ୍ରତିପକ୍ଷ ଟେଲିଫୋନ, ନୋଟିସକୁ ଗ୍ରହଣ କଲାନାହିଁ କିମ୍ବା ଆସିଲାନାହିଁ, ତେବେ ସେ କ୍ଷେତ୍ରରେ "ମାଧ୍ୟମ" ସେ ଅଞ୍ଚଳରେ ଥିବା ଥାନାର ସହାୟତା ନେଇ ତାଙ୍କୁ ଏଠାକୁ ପଠାଇବାର ସହଯୋଗ ମଗାଇଥାଏ ।
- ଅଭିଯୋଗକାରିଣୀକୁ ସବୁବେଳେ ନିଜ ସମସ୍ୟାର ସମାଧାନର ଦିଗ ନିରୂପଣ ପାଇଁ ପ୍ରୋତ୍ସାହନ କରିବା ସହିତ ନିଜେ ନିଜର ନିଷ୍ପତ୍ତି ନେବାପାଇଁ ତାଙ୍କ ମନରେ ଦୃଢ ମନୋବଳ ସୃଷ୍ଟି କରାଯାଏ ।
- ଯଦି ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାଟିର ସମାଧାନ ନ ହୋଇପାରୁଛି ତାହେଲେ ସେ କ୍ଷେତ୍ରରେ ଥାନା କିମ୍ବା କୋଟରେ କେସ୍ କରିବା ପାଇଁ ଅଭିଯୋଗକାରିଣୀକୁ 'ମାଧ୍ୟମ' ତରଫରୁ ଆବଶ୍ୟକ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯାଇଥାଏ ।
- ଏହି ସବୁ ସୁବିଧା ବିନା ମୂଲ୍ୟରେ ଉପଲବ୍ଧ ।

## ରାହାଗିରିରେ "ମାଧ୍ୟମ"ର ପ୍ରଚାର








# ଆଇନ୍ ସମ୍ବନ୍ଧୀୟ ଚର୍ଚ୍ଚାରେ

## ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର (Property Rights of Women)

୧୯୫୬ ମସିହାରେ ହିନ୍ଦୁ ଉତ୍ତରାଧିକାରୀ ଆଇନ ପ୍ରଣୟନ କରାଯାଇଥିଲା । ଏହି ଆଇନଦ୍ୱାରା ହିନ୍ଦୁ ପରିବାରର ଝିଅ, ଭଉଣୀ ଓ ସ୍ତ୍ରୀ ଇତ୍ୟାଦି ପୁରୁଷମାନଙ୍କ ଭଳି ସମାନ ଅଧିକାର ପାଇବାର ହକଦାର ନଥିଲେ । ସ୍ୱାଧୀନତା ପାଇଁ ଆନ୍ଦୋଳନ ଚାଲିଥିଲାବେଳେ, ଭାରତରେ ୧୯୩୭ ମସିହାରେ ମହିଳାମାନଙ୍କ ନିମନ୍ତେ ଆଇନ ପ୍ରଣୟନ କରାଯାଇଥିଲା । ଯାହାକି ଉତ୍ତରାଧିକାରୀ ଆଇନ ହୋଇଥିଲେ ମଧ୍ୟ ମହିଳାମାନଙ୍କୁ କେବଳ ସମ୍ପତ୍ତି ଉପଭୋଗ କରିବାର ଅଧିକାର ଦିଆଯାଇଥିଲା । ଏହି ଆଇନରେ ଜଣେ ମହିଳାର ସମ୍ପତ୍ତିକୁ ବିକ୍ରି କରିବା, ବନ୍ଧକ ରଖିବା ଓ ଦାନ କରିବାର ଅଧିକାର ନଥିଲା । ତଥାପି ଭାରତ ସ୍ୱାଧୀନତା ପାଇବା ପରେ ନାରୀ ଜାଗରଣର ପ୍ରଭାବ ସ୍ୱରୁପ ୧୯୫୬ ମସିହାରେ ହିନ୍ଦୁ ଉତ୍ତରାଧିକାରୀ ଆଇନ ତିଆରି ହେବା ଦ୍ୱାରା ମହିଳାମାନଙ୍କ ଅଧିକାରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଥିଲା । ୧୯୫୬ ମସିହା ଆଇନଦ୍ୱାରା ଜଣେ ମହିଳା ବା ଝିଅ ତାର ପିତାଙ୍କ ସମ୍ପତ୍ତିରେ ଅଧିକାର ପାଇଲା । ଏହାଦ୍ୱାରା କୌଣସି ହିନ୍ଦୁ ପୁରୁଷ ଯଦି ୧୯୫୬ ମସିହାପରେ ମୃତ୍ୟୁବରଣ କରିଥାନ୍ତି ତେବେ ତାଙ୍କ ନାମରେ ଥିବା ଭୂ-ସମ୍ପତ୍ତିକୁ ତାଙ୍କର ପୁଅ, ଝିଅ ଓ ବିଧବା ସ୍ତ୍ରୀ ପାଇବେ ବୋଲି ଆଇନରେ ବ୍ୟବସ୍ଥା ହେଲା । କିନ୍ତୁ ଝିଅମାନଙ୍କର ଉକ୍ତ ଅଧିକାର ପାଇବାରେ କେତୋଟି କଟକଣା କରାଯାଇଥିଲା । ସେଗୁଡିକ ହେଲା- ପିତାଙ୍କ ଜୀବନକାଳ ମଧ୍ୟରେ ଝିଅର ସମ୍ପତ୍ତିରେ କୌଣସି ଅଧିକାର ନଥିଲା । କିନ୍ତୁ ପୁଅର ନିଜ ବାପାଙ୍କ ସମ୍ପତ୍ତିରେ ସମାନ ଅଧିକାର ଥିଲା । ଏପରିକି ପୁଅ ଜନ୍ମହେବା ପୂର୍ବରୁ ଅର୍ଥାତ ମାର ଗର୍ଭରେ ଥିବା ଅବସ୍ଥାରେ ବାପାଙ୍କ ସହିତ ସମାନ ଅଧିକାର ରହିଛି ବୋଲି ୧୯୫୬ ମସିହା ଆଇନ୍‌ରେ ବ୍ୟବସ୍ଥା ରହିଛି । ପିତାଙ୍କ ମୃତ୍ୟୁପରେ ଝିଅ ତାଙ୍କ ଭୂ- ସମ୍ପତ୍ତିରେ ବାଣ୍ଟ ପାଇବ । କିନ୍ତୁ ସେ ନିଜେ ପିଟିସନ ସୁଟ କରିପାରିବ ନାହିଁ । ଭାଇମାନଙ୍କ ମଧ୍ୟରେ ଭାଗବଣ୍ଟା ହେଲାବେଳେ ଝିଅ ନିଜ ବାଣ୍ଟ ପାଇବ ଏବଂ ତାଙ୍କର ସତ୍ତ୍ୱ ସାବ୍ୟସ୍ତ ସେହି ସମୟରେ ହିଁ ହେବ । ଏହା ନହେବା ପର୍ଯ୍ୟନ୍ତ ଝିଅ ନିଜର ଅଂଶ ସାବ୍ୟସ୍ତ କରିପାରିବ ନାହିଁ । ଝିଅର ଅଂଶ ପିତାଙ୍କ ମୃତ୍ୟୁପରେ ହିଁ ଆସିଥାଏ । ଏହାଛଡା ଝିଅମାନେ ଘର ଓ ଘରଡିହ ସମ୍ପତ୍ତିରେ ଭାଗ ପାଇପାରିବେ ନାହିଁ ବୋଲି ଆଇନରେ ଦର୍ଶାଯାଇଅଛି । ଏହି ସବୁ ଅସୁବିଧାକୁ ଆଖିଆଗରେ ରଖି ୧୯୫୬ ମସିହା ଆଇନକୁ ୨୦୦୫ରେ ସଂଶୋଧନ କରି ପୁଅଭଳି ଝିଅକୁ ସମାନ ଅଧିକାର ଦେବାର ବ୍ୟବସ୍ଥା କରାଗଲା । ମହିଳାମାନଙ୍କୁ ପୁରୁଷମାନଙ୍କ ସମକକ୍ଷ ଓ ସମତୁଲ୍ୟ କରି ସମାଜିକ ନ୍ୟାୟ ପ୍ରତିଷ୍ଠା ଓ ମହିଳା ସ-ଶକ୍ତିକରଣ କରିବା ନିମନ୍ତେ ଭାରତ ସରକାର ୨୦୦୫ ମସିହାରେ ଏହି ଆଇନ ପ୍ରଣୟନ କଲେ । ଏହି ଆଇନ ୨୦୦୫ ମସିହା ସେପ୍ଟେମ୍ବର ମାସ ୯ ତାରିଖରୁ କାର୍ଯ୍ୟକାରୀ ହେଉଛି । ଏହା ହିନ୍ଦୁ ସମେତ ବୌଦ୍ଧ, ଜୈନ ଓ ଶିଖ୍ ଧର୍ମାବଲମ୍ବୀ ମାନଙ୍କ ପାଇଁ ଲାଗୁହେବ । ଏହି ଆଇନ ବଳରେ ଜଣେ ମହିଳା ନିମ୍ନମତେ ତାର ଅଧିକାର ପାଇପରିବ-:

୧. ୧୯୫୬ ଧାରା ୪(୨)କୁ ବାଦ ଦିଆଯିବା ଦ୍ୱାରା ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ପରି ପୈତୃକ ଚାଷ ଜମିରେ ପୁଅଙ୍କ ସହିତ ଝିଅଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି ।

୨. ବିବାହିତ ତଥା ଅବିବାହିତ ସବୁ ଝିଅ ଯୌଥ ପରିବାରରେ ସମ୍ପତ୍ତିରେ ପୁଅମାନଙ୍କ ସହିତ ସମାନଭାଗ ପାଇବେ । ସମ୍ପତ୍ତିଭାଗ ପାଇଁ କୋର୍ଟରେ ଆବେଦନ କରିପାରିବେ ଏବଂ ତା ସହିତ ପିତା ଘରର ଦାୟିତ୍ୱ ତୁଲାଇବାରେ ମଧ୍ୟ ଅଂଶୀଦାର ହେବେ ।

୩. ସଂଶୋଧିତ ଆଇନରେ ପୈତୃକ ବାସଗୃହ ଉପରେ ଝିଅମାନଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି ।

୪. ବିଧବାମାନେ ମଧ୍ୟ ଏହି ଆଇନବଳରେ ନିଜର ଦାବୀଉପସ୍ଥାପନ କରିପାରିବେ ।

୫. ଝିଅଟିଏ ପୁଅଭଳି ସହଅଂଶୀଦାର ବା ସମାନ ଅଧିକାରିଣୀ ଭାବରେ ସମ୍ପତ୍ତିରେ ଅଧିକାର ପାଇବ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି ।

ପରିଶେଷରେ ଏହା କୁହାଯାଇପାରେ ଯେ, ଝିଅ ଓ ପୁଅଙ୍କୁ ହିନ୍ଦୁ ଉତ୍ତରାଧିକାରୀ ସଂଶୋଧିତ ଆଇନ ୨୦୦୫ ଅନୁସାରେ ସର୍ବସମ, ସର୍ବକ୍ଷମ ଓ ସମାନ ଅଧିକାରୀ ଭାବରେ ଆଇନରେ ସ୍ୱୀକୃତି ମିଳିଛି । ଆଇନ ସମ୍ବନ୍ଧୀୟ ଚର୍ଚ୍ଚାରେ ଆମେ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ସମ୍ବନ୍ଧୀୟ ସ୍ୱଳ୍ପ ଆଲୋଚନା କଲୁ । ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ମାଧ୍ୟମର ଆଇନ୍ ପରାମର୍ଶଦାତା ଡଃ ବିକାଶ ଦାସ, କାର୍ଯ୍ୟକାରୀ ସଭାପତି, କ୍ଲାପ୍, ଆଇନ୍

# ଜନସାଧାରଣ ଏବଂ ପୋଲିସ ମଧ୍ୟରେ ପ୍ରଶ୍ନୋତ୍ତର ଭିତ୍ତିକ କାର୍ଯ୍ୟକ୍ରମ "ଜନମଞ୍ଚ" ମାଧ୍ୟମରେ ଏକ ପ୍ରୟାସ


Nilamadhab Basti, Chandrasekharpur P.S.


Kimbhiria Basti, Mancheswar P.S.


Nayapalli Basti, Nayapalli P.S.

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଜନତା ବିଶେଷକରି ମହିଳାମାନେ ଯେଉଁମାନେ କି ଘରଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାରର ଅତ୍ୟାଚାରର ସମ୍ମୁଖୀନ ହେଉଥାନ୍ତି, ସେମାନେ କେଉଁଠିକୁ ଆବେଦନ କରିପାରିବେ ଏବଂ ଉଚିତ ନ୍ୟାୟ ପାଇପାରିବେ ସେ ବିଷୟରେ ଅବଗତ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଥାନାକୁ ଯିବା ପରିବର୍ତ୍ତେ, ସ୍ଥାନୀୟ ଥାନାର ପୋଲିସ ଅଧିକାରୀ ସେମାନଙ୍କ ଅଞ୍ଚଳକୁ ଆସିଥାନ୍ତି ଏବଂ ସିଧାସଳଖ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିଗତ, ପାରିବାରିକ ତଥା ନିଜ ବସ୍ତିର ଗୋଷ୍ଠୀଗତ ସମସ୍ୟା ବିଷୟରେ ପୋଲିସ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥାନ୍ତି ।


Sikharchandi, Infocity P.S.


Unit - 9, Saheed Nagar P.S.


Kesharpur, Mangalabag, Cuttack


Santoshi Nagar, Bharatpur, Khandagiri P.S.


Jharana Sahi, Bapuji Nagar, Capital P.S.



Radhakrishna Basti, Chandrasekharpur P.S.


**Maadhyam**

**Bhubaneswar**
Office of the Deputy Commissioner of Police
Vani Vihar Square
Ph.:0674-6002131
Email:maadhyambbsr@isdbbsr.org

**Cuttack**
Mahila Police Station, Buxibazar
Ph:0671-6532131
Email:maadhyamctc@isdbbsr.org

ISD
*Institute for Social Development*
Plot No.-95, Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph - +91-674-6451141, Fax: +91-674-2726756
E-mail: isd_bbsr@rediffmail.com, to@isdbbsr.org
Web.: www.isdbbsr.org

ऑक्सफैम इंडिया
OXFAM India
House No. D-022, Maitri Vihar
Chandrashekharpur, Bhubaneswar - 751016
Odisha
Tel: +91 674 2303992/93/94
E-mail: bhubaneswar@oxfamindia.org
Web:www.oxfamindia.org